# NATIONAL NEWS BULLETIN (ODIA)
## 5 July - 2024
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ପ୍ରତିରକ୍ଷା ନିବେଶ ସମାରୋହ-୨୦୨୪ରେ ସାହସିକତା ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ୨୨ତମ ଭାରତ-ରୁଷ୍ ବାର୍ଷିକ ଶିଖର ସମ୍ମିଳନୀରେ ଉଭୟ ଦେଶ ମଧ୍ୟରେ ବହୁମୁଖୀ ସମ୍ପର୍କର ସମୀକ୍ଷା କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ।
- ବ୍ରିଟେନ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଲେ କଞ୍ଜରଭେଟିଭ୍ ପାର୍ଟି ନେତା ରିଷି ସୁନକ ।

– ସଂସଦୀୟ ନିର୍ବାଚନରେ ବିଜୟ ଲାଭ କରିଥିବା ଲେବରପାର୍ଟି ନେତା କିର୍ ଷ୍ଟାରମରଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

- ନିଟ୍-ପିଜି ପ୍ରବେଶିକା ପରୀକ୍ଷା-୨୦୨୪ ଆସନ୍ତା ମାସ ୧୧ ତାରିଖରେ ଅନୁଷ୍ଠିତ ହେବ ।

ଏବଂ

- ଭାରତ-ଦକ୍ଷିଣ ଆଫ୍ରିକା ମହିଳା ଟି-୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ଚେନ୍ନାଇର ଏମ୍.ଏ ଚିଦାମ୍ବରମ ଷ୍ଟାଡିୟମ୍‌ରେ ଜାରି ରହିଛି।

## ପ୍ରେଜ୍- ଗ୍ୟାଲେଣ୍ଟାରୀ ଆୱାର୍ଡ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦିଲ୍ଲୀର ରାଷ୍ଟ୍ରପତି ଭବନରେ ଆଜି ପ୍ରତିରକ୍ଷା ନିବେଶ ସମାରୋହ-୨୦୨୪ (ପର୍ଯ୍ୟାୟ-୧) ରେ ସାହସିକତା ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରମୁଖ ଉପସ୍ଥିତ ଥିଲେ।

## ଏମ୍‌ଇଏ-ପିଏମ୍ ଭିଜିଟ୍

୨୨ତମ ଭାରତ-ରୁଷ୍ ବାର୍ଷିକ ଶିଖର ସମ୍ମିଳନୀରେ ପ୍ରତିରକ୍ଷା, ବାଣିଜ୍ୟ, ପୁଞ୍ଜିନିବେଶ, ଶକ୍ତି ସହଯୋଗ, ଶିକ୍ଷା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ସଂସ୍କୃତି ଏବଂ ଲୋକସମ୍ପର୍କ ଆଲୋଚନାର ପ୍ରମୁଖ ବିଷୟ ରହିବ। ବୈଦେଶିକ ସଚିବ ବିନୟ ମୋହନ କ୍ୱାତ୍ରା ଆଜି ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଆସନ୍ତା ୮ରୁ ୧୦ ତାରିଖ ପର୍ଯ୍ୟନ୍ତ  ରୁଷ୍ ଓ ଅଷ୍ଟ୍ରିଆ ଗସ୍ତ ଯିବେ।  ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଦୁଇ ଦେଶ

ମଧ୍ୟରେ ବହୁମୁଖୀ ସମ୍ପର୍କର ସମୀକ୍ଷା କରିବେ ବୋଲି ଶ୍ରୀ କ୍ୱାତ୍ରା କହିଛନ୍ତି। ଉଭୟ ନେତା ପାରସ୍ପରିକ ସ୍ୱାର୍ଥ ସମ୍ବନ୍ଧୀୟ ସମସାମୟିକ ଆଞ୍ଚଳିକ ଓ ବୈଶ୍ୱିକ ପ୍ରସଙ୍ଗ ଉପରେ ସେମାନେ ମତ ବିନିମୟ କରିବେ। ବ୍ରିକ୍ସ, ଏସ୍‌ସିଓ, ଜି-୨୦, ପୂର୍ବ ଏସିଆ ଶିଖର ସମ୍ମିଳନୀ ଏବଂ ଜାତିସଂଘ ସମେତ ଅନ୍ୟାନ୍ୟ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କର ସ୍ଥିତି ମଧ୍ୟ ନେତାମାନେ ଆକଳନ କରିବେ। ପ୍ରବଞ୍ଚନାର ଶୀକାର ହୋଇ ରୁଷ ସେନାରେ ନିୟୋଜିତ ହୋଇଥିବା ଭାରତୀୟ ନାଗରିକଙ୍କୁ ଶୀଘ୍ର ମୁକ୍ତ କରିବା ପ୍ରସଙ୍ଗ ମଧ୍ୟ ଆଲୋଚନାରେ ସ୍ଥାନ ପାଇବ ବୋଲି ଶ୍ରୀ କ୍ୱାତ୍ରା କହିଛନ୍ତି।

ବୈଦେଶିକ ସଚିବ କହିଛନ୍ତି, ପ୍ରଧାନମନ୍ତ୍ରୀ ତାଙ୍କ ଗସ୍ତ ସମୟରେ ମସ୍କୋରେ ଥିବା ଭାରତୀୟ ସମ୍ପ୍ରଦାୟର ସଦସ୍ୟଙ୍କ ସହ ଆଲୋଚନା କରିବେ। ସେ କହିଛନ୍ତି, ଭାରତ ଏବଂ ରୁଷିଆର ଏକ ସ୍ୱତନ୍ତ୍ର ଏବଂ ସ୍ୱତନ୍ତ୍ର ଭାଗିଦାରୀ ରହିଛି ଯାହା ଏକାଧିକ ଭୂ-ରାଜନୈତିକ ଆହ୍ୱାନ ପରିପ୍ରେକ୍ଷୀରେ ସ୍ଥିର ରହିଛି । ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କରେ ଶ୍ରୀ କ୍ୱାତ୍ରା କହିଛନ୍ତି, ୨୦୨୩-୨୪ ଆର୍ଥିକ ବର୍ଷରେ ଶକ୍ତି ସହଯୋଗ ଯୋଗୁଁ ଏହା ଦ୍ରୁତ ଗତିରେ ବୃଦ୍ଧି ପାଇ ୬୫ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି। ସେ କହିଛନ୍ତି, ରୁଷିଆରୁ ଭାରତର ଆମଦାନୀ ପ୍ରାୟ ୬୦ ବିଲିୟନ ଆମେରିକୀୟ ଡଲାର ହୋଇଥିବା ବେଳେ ରପ୍ତାନି ୪ ବିଲିୟନ ଆମେରିକୀୟ ଡଲାର ରହିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଷ୍ଟ୍ରିଆ ଗସ୍ତ ସମ୍ପର୍କରେ ବୈଦେଶିକ ସଚିବ କହିଛନ୍ତି, ପ୍ରଧାନମନ୍ତ୍ରୀ ଚଳିତ ମାସ ୯ ଓ ୧୦ ତାରିଖରେ ଅଷ୍ଟ୍ରିଆ ଗସ୍ତ କରିବେ। ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଥମ ଅଷ୍ଟ୍ରିଆ ଗସ୍ତ ହେବ। ସେ କହିଛନ୍ତି, ଶ୍ରୀ ମୋଦୀ ଅଷ୍ଟ୍ରିଆ ରାଷ୍ଟ୍ରପତି ଆଲେକଜାଣ୍ଡର ଭାନ୍ ଡେର୍ ବେଲେନଙ୍କୁ ସାକ୍ଷାତ କରିବା ସହ ଅଷ୍ଟ୍ରିଆର ଚାନ୍ସେଲର କାର୍ଲ ନେହାମରଙ୍କ ସହ ମଧ୍ୟ ଆଲୋଚନା କରିବେ।

## ନିଟ୍-ପିଜି ଏକ୍‌ଜାମ୍

ନିଟ୍-ପିଜି ପ୍ରବେଶିକା ପରୀକ୍ଷା ୨୦୨୪ ଆସନ୍ତା ମାସ ୧୧ ତାରିଖରେ ଅନୁଷ୍ଠିତ ହେବ ଏବଂ ଏହା ଦୁଇଟି ଅଧିବେଶନରେ ଅନୁଷ୍ଠିତ ହେବ। ନ୍ୟାସନାଲ ବୋର୍ଡ ଅଫ୍ ଏକ୍‌ଜାମିନେସନ୍ ଇନ୍ ମେଡିକାଲ ସାଇନ୍ସ ପକ୍ଷରୁ ଆଜି ପରୀକ୍ଷାର ସଂଶୋଧିତ କାର୍ଯ୍ୟସୂଚୀ ଜାରି କରାଯାଇଛି। ନିର୍ଦ୍ଧାରିତ ତାରିଖର ଗୋଟିଏ ଦିନ ପୂର୍ବରୁ ଗତ ମାସରେ ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା। କେତେକ ପ୍ରତିଯୋଗିତାମୂଳକ ପରୀକ୍ଷାର ସଚ୍ଚୋଟତାକୁ ନେଇ ଅଭିଯୋଗ ଆସିବା ପରେ ଏହି ନିଷ୍ପତ୍ତି ନିଆଯାଇଛି।

## ୟୁକେ-ପିଏମ୍ ରିଜାଇନ୍

ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକ ସାଧାରଣ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଆଜି ନିଜ ପଦରୁ ଇସ୍ତଫା ଦେଇଛନ୍ତି । ତାଙ୍କ

ଉତ୍ତରାଧିକାରୀ ଚୟନ ପାଇଁ ଆନୁଷ୍ଠାନିକ ବ୍ୟବସ୍ଥା ହେବା ପରେ ସେ କଞ୍ଜରଭେଟିଭ୍ ନେତା ପଦରୁ ଇସ୍ତଫା ଦେବେ। ସୁନକ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ପାଇଁ ଭୋଟରଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଛନ୍ତି। ଇସ୍ତଫା ଦେବା ପରେ ଏକ ସଂକ୍ଷିପ୍ତ ଭାଷଣରେ ସୁନକ କହିଛନ୍ତି, ୧୪ ବର୍ଷର କନଜର୍ଭେଟିଭ୍ ଶାସନ କାଳରେ ବ୍ରିଟେନ ୨୦୧୦ ତୁଳନାରେ ଅଧିକ ସମୃଦ୍ଧ, ନିରପେକ୍ଷ ଏବଂ ସ୍ଥିର ଥିଲା। ବ୍ରିଟେନ୍ ସାଧାରଣ ନିର୍ବାଚନ ଫଳାଫଳରେ ଲେବର ପାର୍ଟି ବିପୁଳ ବିଜୟ ହାସଲ କରିଛି ଏବଂ ଦଳର ନେତା କିର୍ ଷ୍ଟାରମର୍ ପରବର୍ତ୍ତୀ ବ୍ରିଟିଶ ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି।

## ମୋଦୀ- କିର୍ ଷ୍ଟାର୍ମର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ରିଟେନ ସଂସଦୀୟ ନିର୍ବାଚନରେ ବିଜୟ ଲାଭ କରିଥିବା ଲେବର ପାର୍ଟି ନେତା କିର୍ ଷ୍ଟାର୍ମରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଶ୍ରୀ ମୋଦୀ କହିଛନ୍ତି, ଭାରତ-ବ୍ରିଟେନ୍ ରଣନୀତିକ ଭାଗିଦାରୀ ସମ୍ପର୍କକୁ ଆହୁରି ସଶକ୍ତ କରିବା ଦିଗରେ ସେ ଗଠନ ମୂଳକ ସହଭାଗିତାର ଆଶା ରଖିଛନ୍ତି। ଶ୍ରୀ ମୋଦୀ ରିଶି ସୁନକଙ୍କୁ ମଧ୍ୟ ତାଙ୍କର କାର୍ଯ୍ୟକାଳ ମଧ୍ୟମରେ ଭାରତ-ବ୍ରିଟେନ୍ ସମ୍ପର୍କକୁ ସଶକ୍ତ କରିବା ଦିଗରେ ତାଙ୍କର ଅବଦାନ ପାଇଁ କୃତଜ୍ଞତା ଜଣାଇଛନ୍ତି।

# ଓଡ଼ିଶା ରଥଯାତ୍ରା

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଲାଗି ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ପ୍ରଭୁ ଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରା ଓ ପ୍ରଭୁ ସୁଦର୍ଶନଙ୍କ ଘୋଷଯାତ୍ରା ଲାଗି ରଥ ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଚଳିତମାସ ୭ ତାରିଖ ରବିବାର ଦିନ ପୁରୀ ବଡଦାଣ୍ଡରେ ରଥଯାତ୍ରା ଅନୁଷ୍ଠିତ ହେବ । ଏଥିସହିତ ନବଯୌବନ ଦର୍ଶନ, ନେତ୍ରୋତ୍ସବ ଏବଂ ଗୁଣ୍ଡିଚାଯାତ୍ରା ମଧ୍ୟ ଅନୁଷ୍ଠିତ ହେବ । ଏହାକୁ ଦୃଷ୍ଟିରେ ରଖି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ନୀତିକାନ୍ତି ସଠିକ୍ ସମୟରେ କରିବା ଲାଗି ପଦକ୍ଷେପ ଗ୍ରହଣ କରାଯାଉଛି ।

ଚଳିତବର୍ଷ ଦୁଇଦିନ ଧରି ରଥଯାତ୍ରା ହେଉଥିବାରୁ ଜୁଲାଇ ୭ ଏବଂ ୮ ତାରିଖକୁ ରାଜ୍ୟ ସକରାର ଛୁଟି ଘୋଷଣା କରିଛନ୍ତି । ଚଳିତବର୍ଷ ରଥଯାତ୍ରା ଦେଖିବା ଲାଗି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସୁଥିବାରୁ ସୁରକ୍ଷା ବ୍ୟବସ୍ଥା କଡାକଡି ହେବ । ପ୍ରଶାସନ ପକ୍ଷରୁ ମହିଳାମାନଙ୍କ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି ଜଣାପଡିଛି । ରଥଯାତ୍ରା ଦିନ ଶ୍ରୀମନ୍ଦିରକୁ ପ୍ରବେଶ ଲାଗି ବାରଣ କରାଯାଇଛି । ରଥ ଉପରେ ଗହଳି ନକରିବା ଲାଗି ମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତମାନଙ୍କୁ ଅନୁରୋଧ କରାଯାଇଛି । ଇତିମଧ୍ୟରେ ରେଳବାଇ ପକ୍ଷରୁ ରଥଯାତ୍ରା ନିମନ୍ତେ ୩୧୫ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ନିଷ୍ପତ୍ତି ହୋଇଛି ।

ଆକାଶବାଣୀ କଟକ କେନ୍ଦ୍ର ପକ୍ଷରୁ ଘୋଷଯାତ୍ରାର ପ୍ରତ୍ୟକ୍ଷଦର୍ଶୀ ଧାରା ବିବରଣୀ ଜୁଲାଇ ୭ ତାରିଖ ସକାଳ ୭ଟା ୩୦ ମିନିଟ୍‌ରୁ ରଥଟଣା ଶେଷ ହେବା ଯାଏଁ ପ୍ରଚାର କରାଯିବ । ଆକାଶବାଣୀ କଟକ ସମେତ ଓଡ଼ିଶାର ସମସ୍ତ ବେତାର କେନ୍ଦ୍ର ଗୁଡ଼ିକରୁ ଏକକାଳୀନ ଏହି ପ୍ରସାରଣ ହେବ ।

# କେରଳ-ସମ୍ପୂର୍ଣ୍ଣତା

କେରଳର ଆକାଂକ୍ଷୀ ଜିଲ୍ଲା ଓ ବ୍ଲକରେ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଆଜିଠାରୁ ଆରମ୍ଭ ହୋଇଥିବା ସମ୍ପୂର୍ଣ୍ଣତା ଅଭିଯାନ ପାଲକ୍କଡ ଜିଲ୍ଲାର କୋଲେଙ୍ଗୋଡେ ବ୍ଲକ ଏବଂ ଇଡୁକ୍କିର ଦେବୀକୁଲମ ବ୍ଲକରେ ଆରମ୍ଭ ହୋଇଛି ।

ସ୍ୱାସ୍ଥ୍ୟ, ପୁଷ୍ଟିସାଧନ, କୃଷି, ସାମାଜିକ ବିକାଶ ଇତ୍ୟାଦି ବିଷୟ ଉପରେ ଗୁରୁତ୍ୱ ଦେଇ ନୀତି ଆୟୋଗ ଦ୍ୱାରା ଆରମ୍ଭ କରାଯାଇଥିବା ତିନି ମାସିଆ ଅଭିଯାନ ଚଳିତ ବର୍ଷ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲିବ । କେନ୍ଦ୍ର ସରକାରଙ୍କ ଦ୍ୱାରା ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଏବଂ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ଅଞ୍ଚଳର ସାମଗ୍ରିକ ଉନ୍ନତି ଉଦ୍ଦେଶ୍ୟରେ ସମ୍ପୂର୍ଣ୍ଣତା ଅଭିଯାନ କାର୍ଯ୍ୟକାରୀ କରାଯାଉଛି ।

# କାଲିଫର୍ଣ୍ଣିଆ- ୱାଇଲ୍ଡ ଫାୟାର

ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଉତ୍ତର କାଲିଫର୍ଣ୍ଣିଆରେ ଦ୍ରୁତ ଗତିରେ ଜଙ୍ଗଲ ନିଆଁ ବ୍ୟାପୁଥିବାରୁ ଅତିକମ୍‌ରେ ୨୮ ହଜାର ଲୋକଙ୍କୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦିଆଯାଇଛି। କାଲିଫର୍ଣ୍ଣିଆ ବନ ଓ ଅଗ୍ନି ସୁରକ୍ଷା ବିଭାଗ (କାଲ ଫାୟାର) ଅନୁଯାୟୀ, ଓରୋଭିଲ୍ ସହର ନିକଟରେ ମଙ୍ଗଳବାର ଆରମ୍ଭ ହୋଇଥିବା ଥମ୍ପସନ୍ ଅଗ୍ନିକାଣ୍ଡରେ ୩ ହଜାର ୭୦୦ ଏକରରୁ ଅଧିକ ଜମି ନଷ୍ଟ ହୋଇସାରିଛି। ଅଗ୍ନିକାଣ୍ଡରେ ୪ଟି କୋଠା କ୍ଷତିଗ୍ରସ୍ତ ହୋଇଥିବା ବେଳେ ୪ ଜଣ ଅଗ୍ନିଶମ କର୍ମଚାରୀ ଅଗ୍ନିନିର୍ବାପନ ସମୟରେ ଆହତ ହୋଇଛନ୍ତି। କାଲ ଫାୟାର ଅନୁଯାୟୀ, ଏହି ଅଞ୍ଚଳରେ ଥିବା ୧୨ ହଜରରୁ ଅଧିକ ନିର୍ମାଣ ପ୍ରତି ବିପଦ ରହିଛି। ୧ ହଜାର ୯୦୦ରୁ ଅଧିକ ଅଗ୍ନିଶମ କର୍ମଚାରୀ ଏବେ ନିଆଁକୁ ଆୟତ୍ତ କରୁଛନ୍ତି। କାଲିଫର୍ଣ୍ଣିଆ ଗଭର୍ଣ୍ଣର ଗାଭିନ୍ ନ୍ୟୁସମ୍ ଥମ୍ପସନ୍ ଅଗ୍ନିକାଣ୍ଡର ମୁକାବିଲା ପାଇଁ ଗତ ବୁଧବାର ବୁଟେ କାଉଣ୍ଟିରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି। ଜଙ୍ଗଲ ନିଆଁ ଯୋଗୁଁ ବଟେ କାଉଣ୍ଟିର କିଛି ଅଂଶରେ ବାଧ୍ୟତାମୂଳକ ସ୍ଥାନାନ୍ତର ଏବଂ ସ୍ଥାନାନ୍ତର ସତର୍କ ସୂଚନା ଜାରି କରାଯାଇଛି।

## କୋଲକାତା-ପ୍ରସାରଭାରତୀ

ପ୍ରସାର ଭାରତୀ ଅଧ୍ୟକ୍ଷ ନଭନୀତ କୁମାର ସେହଗଲ ଆଜି ଆକାଶବାଣୀ କୋଲକାତା ପରିଦର୍ଶନ କରିଛନ୍ତି। ସେ ମଧ୍ୟ ଆକାଶବାଣୀ କେନ୍ଦ୍ରର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହିତ ଏକ ବୈଠକ କରିଥିଲେ।

## କ୍ରିକେଟ

ଚେନ୍ନାଇର ଏମ୍ ଏ ଚିଦାମ୍ବରମ ଷ୍ଟାଡିୟମରେ ଭାରତୀୟ ମହିଳା କ୍ରିକେଟ୍ ଦଳ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ଅନ୍ତର୍ଜାତୀୟ ଶୃଙ୍ଖଳାର ପ୍ରଥମ ମ୍ୟାଚ ଜାରି ରହିଛି। ଭାରତୀୟ ମହିଳା ଦଳ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି। ଆମର ହସ୍ତଗତ ହୋଇଥିବା ସର୍ବଶେଷ ଖବର ଅନୁସାରେ ଦକ୍ଷିଣ ଆଫ୍ରିକା ଦଳ ପ୍ରଥମେ ବ୍ୟାଟିଂ କରି ୩ ଓଭର ଶେଷ ସୁଦ୍ଧା କୌଣସି ୱିକେଟ୍ ନ ହରାଇ ୨୨ ରନ୍ ସଂଗ୍ରହ କରିଛି।

ଦକ୍ଷିଣ ଆଫ୍ରିକାର ଭାରତ ଗସ୍ତର ଏହା ଅନ୍ତିମ ପର୍ଯ୍ୟାୟ ହେବ, ପୂର୍ବରୁ ଉଭୟ ଦଳ ୩ଟି ଦିନିକିଆ ଓ ଗୋଟିଏ ଟେଷ୍ଟ ମ୍ୟାଚ୍ ଖେଳି ସାରିଛନ୍ତି। ଭାରତ ଦିନିକିଆ ଶୃଙ୍ଖଳାକୁ ୩-୦ରେ ଜିତିବା ସହ ଏକମାତ୍ର ଟେଷ୍ଟରେ ୧୦ ୱିକେଟରେ ବିଜୟୀ ହୋଇଥିଲା।